# ଦେଶରେ ପୁଣି ୯୨,୦୭୧ କରୋନା ପଜିଟିଭ୍ ଚିହ୍ନଟ, ୧୧୩୬ ମୃତ

**ନୂଆଦିଲ୍ଲୀ, ୧୪।୯/ଏଜେନ୍ସି:** ଦେଶରେ ଗତ କିଛି ଦିନ ହେଲା ଦୈନିକ ୯୦ ହଜାରରୁ ଅଧିକ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଗତ ରବିବାର ଆକ୍ରାନ୍ତଙ୍କ ସଂଖ୍ୟା ୯୪,୩୭୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲା ବେଳେ ସୋମବାର ୯୨,୦୭୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହା ଫଳରେ ଏ ପର୍ଯ୍ୟନ୍ତ ଦେଶରେ ୪୮ ଲକ୍ଷ ୪୬ ହଜାର ୪୨୭ ଜଣ କରୋନାରେ ଆକ୍ରାନ୍ତ ହେଲେଣି। ସେହିପରି ଗତ ୨୪ ଘଣ୍ଟାରେ କରୋନାରେ ଆକ୍ରାନ୍ତ ହୋଇ ୧୧୩୬ ଜଣଙ୍କ ମୃତ୍ୟୁ ଘଟିଛି। ଏହା ଫଳରେ ଦେଶରେ କରୋନା ମୃତ୍ୟୁ ସଂଖ୍ୟା ୭୯,୭୨୨କୁ ବୃଦ୍ଧି ପାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି ଯେ, ଆକ୍ରାନ୍ତଙ୍କ ମଧ୍ୟରୁ ୩୭ ଲକ୍ଷ ୮୦ ହଜାର ୧୦୭ ଜଣ ସୁସ୍ଥ ହୋଇଛନ୍ତି। ଦେଶରେ ପୁଣି ୭୭ ହଜାର ସଂକ୍ରମିତ ବ୍ୟକ୍ତି ସୁସ୍ଥ ହେବାରୁ କୋଭିଡ୍ ଆରୋଗ୍ୟହାର ୭୮ ପ୍ରତିଶତକୁ ବୃଦ୍ଧି



ପାଇଛି। ଚିକିତ୍ସିତ ହେଉଥିବା ସଂକ୍ରମିତଙ୍କ ସଂଖ୍ୟା ମୋଟ୍ ସଂକ୍ରମଣର ୨୦.୩୬ ପ୍ରତିଶତ ରହିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ନମୁନା ପରୀକ୍ଷା, ସଂକ୍ରମିତମାନଙ୍କ ଚିହ୍ନଟ ଓ ଚିକିତ୍ସା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନାବଦ୍ଧ ଉଦ୍ୟମ ଓ ରାଜ୍ୟ ସରକାରଙ୍କ ସହଯୋଗ ଯୋଗୁ ଆରୋଗ୍ୟହାର ବୃଦ୍ଧି ପାଉଥିଲା ବେଳେ ମୃତ୍ୟୁହାର ହ୍ରାସ ପାଇବାରେ ଲାଗିଛି। ଦେଶରେ କୋଭିଡ୍ ମୃତ୍ୟୁହାର ୧.୬୪ ପ୍ରତିଶତ ରହିଛି, ଯାହାକି ବିଶ୍ୱର ଅନେକ ଦେଶ ତୁଳନାରେ ଯଥେଷ୍ଟ କମ୍। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର) ସୂତ୍ରରୁ ଜଣାପଡିଛି ଗତ ୨୪ ଘଣ୍ଟାରେ ୯ ଲକ୍ଷ ୭୮ ହଜାରରୁ ଅଧିକ ନମୁନା ପରୀକ୍ଷା କରାଯାଇଛି। ଏ ପର୍ଯ୍ୟନ୍ତ ମୋଟ୍ ୫ କୋଟି ୭୨ ଲକ୍ଷରୁ ଅଧିକ ନମୁନା ପରୀକ୍ଷା କରାଗଲାଣି। ଦେଶର ୧୦୪୯ ଟି ସରକାରୀ ପରୀକ୍ଷାଗାର ଓ ୬୬୮ଟି ଘରୋଇ ପରୀକ୍ଷାଗାରରେ ଏବେ ନମୁନା ପରୀକ୍ଷା କରାଯାଉଛି।